I believe profitability is important but it is a by-product, not the purpose. The legacy I truly want to leave behind is an iconic brand that breathes, a brand that lives in the trust of people, stands for reliability, and becomes a part of everyday life. Especially in our segment, where TMT has evolved into a consumer-driven product, the real strength lies in how deeply the brand connects with customers, dealers, and communities. A profitable company can be built in years, but a living brand is built over generations. It carries values, consistency, and credibility forward even in your absence.

**What success mantra would you like to advise new entrepreneurs?**

I believe success in entrepreneurship is less about chasing outcomes and more about building character. If I have to share a mantra, it would be this: stay rooted, stay steady, and stay responsible. First, stay rooted never lose touch with your values, your people, and your purpose. Second, stay steady because entrepreneurship is not a smooth journey. There will be ups and downs. What matters is your ability to remain calm and keep moving forward without losing direction. And third, stay responsible towards your employees, your customers, and society. In simple words, don't just build a business build something meaningful that makes a difference in people's lives.

**Mobile to Automobile**

# From volatility to verstility: petrol ସମସ୍ୟାରୁ electric ବିପ୍ଳବ

ଆଜି ସମଗ୍ର ବିଶ୍ୱ ଏକ ଜଟିଳ ସନ୍ଧିକ୍ଷଣରେ ଛିଡ଼ା ହୋଇଛି, ଯେଉଁଠି ଭୂ-ରାଜନୈତିକ ଅସ୍ଥିରତା ବା "Global Volatility" ପରିବହନ କ୍ଷେତ୍ର ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ଦିନର ୟୁକ୍ରେନ୍ ଯୁଦ୍ଧ ଆଉ ଏବେ ସୃଷ୍ଟି ହୋଇଥିବା ଇରାନ ସଂଘର୍ଷ ଯୋଗୁଁ ଆନ୍ତର୍ଜାତୀୟ ସ୍ତରରେ 'ଷ୍ଟ୍ରେଟ୍ ଅଫ୍ ହରମୁଜ୍' (Strait of Hormuz) ଅବରୋଧ ହେବା ଭଳି ପରିସ୍ଥିତି ଉପୁଜିଛି, ଯାହାର ପ୍ରଭାବରେ ଭାରତର ହାଇୱେରେ ମଧ୍ୟ ତୈଳ ସଙ୍କଟ ଯୋଗୁଁ ଗାଡ଼ି ବନ୍ଦ ହେବା ଆରମ୍ଭ ହେଲାଣି। ବିଭିନ୍ନ ପ୍ରାନ୍ତରେ ଲାଗିରହିଥିବା ଆନ୍ତର୍ଜାତୀୟ ସଂଘର୍ଷ ଏବଂ ଯୁଦ୍ଧଖୋର ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳର ଯୋଗାଣ ବାଧାପ୍ରାପ୍ତ ହେଉଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ଆମ ପକେଟ୍ ଉପରେ ପଡୁଛି, ଯେଉଁଠି ପ୍ରତିଦିନ ପେଟ୍ରୋଲ ଓ ଡିଜେଲ ଦରର ଅସ୍ଥିରତା ବା "Fuel Price Fluctuations" ସାଧାରଣ ଜୀବନଯାତ୍ରାକୁ ଦୁର୍ବିସହ କରିଦେଉଛି। କେବଳ ସେତିକି ନୁହେଁ, ପାରମ୍ପରିକ ଜୀବାଶ୍ମ ଇନ୍ଧନର କ୍ରମାଗତ ଅବକ୍ଷୟ ଆମକୁ ସତର୍କ କରାଇ ଦେଉଛି ଯେ ଭବିଷ୍ୟତ ପାଇଁ ଆମକୁ ଏକ ବିକଳ୍ପ ତଥା ସ୍ଥାୟୀ ଶକ୍ତିର ଉତ୍ସ ଖୋଜିବାକୁ ହିଁ ପଡ଼ିବ। ଏହା ସହିତ ଗୁରୁତର ପରିବେଶ ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନ ମଧ୍ୟ ପରିବହନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ "Decarbonize" କରିବା ପାଇଁ ଆମକୁ ବାଧ୍ୟ କରିଛି। ଏହି ସବୁ ଜଟିଳ ସମସ୍ୟାର ଏକମାତ୍ର ସାର୍ବଜନୀନ ଏବଂ ପ୍ରଭାବଶାଳୀ ସମାଧାନ ଭାବେ ଉଭା ହୋଇଛି ବୈଦ୍ୟୁତିକ ଯାନ ବା "EV"। ଏହାର ବହୁମୁଖୀ ଉପଯୋଗିତା ବା "Versatility" ଆମକୁ କେବଳ ତୈଳ ମାଫିଆଙ୍କ କବଳରୁ ରକ୍ଷା କରୁନାହିଁ, ବରଂ ଏହା ଏକ ପ୍ରଦୂଷଣମୁକ୍ତ ଏବଂ ଶବ୍ଦହୀନ



ସମ୍ଭ୍ରାନ୍ତ ଯାତ୍ରାର ଅନୁଭୂତି ପ୍ରଦାନ କରଉଛି। ଭାରତରେ ଏହି ବୈଦ୍ୟୁତିକ ବିପ୍ଳବର ସୂତ୍ରଧାର ସାଜିଛନ୍ତି Tata Motors, Mahindra, ଏବଂ Ola Electric ଭଳି ଦିଗ୍‌ଗଜ କମ୍ପାନୀଗୁଡ଼ିକ। ସେମାନଙ୍କର ଅଭିନବ କୌଶଳ ଏବଂ "India-first Innovation" ମାଧ୍ୟମରେ ସେମାନେ ଏଭଳି ଗାଡ଼ି ନିର୍ମାଣ କରୁଛନ୍ତି ଯାହା ଭାରତର ପରିବେଶ ଏବଂ ରାସ୍ତା ପାଇଁ ଅତ୍ୟନ୍ତ ଉପଯୋଗୀ। ୨୦୨୬ ର ଏହି ନୂତନ ଯୁଗରେ, EV କେବଳ ଏକ ଗାଡ଼ି ନୁହେଁ, ବରଂ ଏହା ଏକ "Trendy Lifestyle Statement"। ଯେତେବେଳେ ଆମେ ଏହି "Clean Mobility" କୁ ଆପଣାଉଛୁ, ଆମେ କେବଳ ନିଜର ଟଙ୍କା ସଞ୍ଚୟ କରୁନାହୁଁ, ବରଂ ଆମେ ଦେଶର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ସହ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଧରଣୀ ଛାଡ଼ିଯିବାକୁ ସଂକଳ୍ପବଦ୍ଧ ହେଉଛୁ। ସତରେ, ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଏହି "Electric Wave" ହିଁ ଆମକୁ ଏକ ସୁରକ୍ଷିତ ଏବଂ ଉଜ୍ଜ୍ୱଳ ଭବିଷ୍ୟତର ପଥ ଦେଖାଉଛି।

| Company | Variant | Sales Figure / Position |
|---|---|---|
| Tata Motors | Nexon EV, Punch EV, Tiago EV | 73,800+ Units (4-Wheeler Market Leader) |
| Mahindra | XUV400 EV, BE 6 | 18,500+ Units |
| Ola Electric | Ola S1 Pro, S1X, S1 Air | 4,10,000+ Units (2-Wheeler No.1) |
| Ather Energy | Ather 450X, Ather Apex | 1,12,000+ Units (Premium + Family Scooter) |
| BYD India | BYD Atto 3, BYD Seal | 43,800+ Units (Premium Luxury EV Car) |
| TVS Motor | iQube Electric | 1,95,000+ Units |

# ଆଙ୍ଗୁଠିରେ ବନ୍ଧା ହେଲା ଏବେ ମଣିଷର ଭାଗ୍ୟ! ଜାଣନ୍ତୁ ସ୍ମାର୍ଟ ରିଙ୍ଗ୍‌ର ଯାଦୁ

କଳ୍ପନା କରନ୍ତୁ, ଆପଣଙ୍କ ହାତର ଏକ ଛୋଟ ମୁଦି ଆପଣଙ୍କ ଶରୀରର ସବୁ ରହସ୍ୟ ଜାଣିଛି! ଆପଣ କେତେ ଶୋଉଛନ୍ତି, ଆପଣଙ୍କ ହୃଦୟ କେତେ ଜୋରରେ ସ୍ପନ୍ଦିତ ହେଉଛି, ଏପରିକି ଆପଣ କେତେ ଚିନ୍ତାରେ ଅଛନ୍ତି - ଏସବୁର ହିସାବ ରଖୁଛି ଏହି 'ସ୍ମାର୍ଟ ରିଙ୍ଗ୍'। ସ୍ମାର୍ଟୱାଚ୍‌ର ବଡ଼ ସ୍କ୍ରିନ୍ ଏବଂ ଭାରୀ ଓଜନରୁ ମୁକ୍ତି ଦେବା ପାଇଁ ଟେକ୍ନୋଲୋଜି ଦୁନିଆରେ ଏବେ ଏହି ଛୋଟ ଜାଦୁକାରୀ ଗ୍ୟାଜେଟ୍ ଏକ ବିପ୍ଳବ ଆଣିଛି।ଆଜିର ଡିଜିଟାଲ୍ ଯୁଗରେ ଟେକ୍ନୋଲୋଜି ଏବେ ମଣିଷର ହାତ ମୁଠାରୁ ଯାଇ ଆଙ୍ଗୁଠିରେ ପହଞ୍ଚିଲାଣି। ସ୍ମାର୍ଟୱାଚ୍ ପରେ ଏବେ ବଜାରରେ ସବୁଠାରୁ ଅଧିକ ଚର୍ଚ୍ଚିତ ଗ୍ୟାଜେଟ୍ ହେଉଛି 'ସ୍ମାର୍ଟ ରିଙ୍ଗ୍'। ଏହା ଏକ ସାଧାରଣ ମୁଦି ଭଳି ଦେଖାଗଲେ ମଧ୍ୟ ଏହା ଭିତରେ ରହିଛି ଅତ୍ୟାଧୁନିକ ସେନ୍ସର। ସ୍ମାର୍ଟ ରିଙ୍ଗ୍ ବଜାରରେ ଏବେ ବଡ଼ ବଡ଼ କମ୍ପାନୀ ମଧ୍ୟରେ କଡ଼ା ଟକ୍କର ଚାଲିଛି। ଟେକ୍ ଜଗତର ସମ୍ରାଟ Samsung ତାର Galaxy Ring ସହିତ ପ୍ରିମିୟମ୍ ସେଗମେଣ୍ଟରେ ରାଜ୍ କରୁଥିବା ବେଳେ, Ultrahuman Ring AIR ଏହାର ସଠିକ୍ ଡାଟା ପାଇଁ ବିଶ୍ୱପ୍ରସିଦ୍ଧ। ଭାରତୀୟ ବ୍ରାଣ୍ଡ ମଧ୍ୟ ପଛରେ ନାହାନ୍ତି; boAt (Smart Ring Active) ଏବଂ Noise (Luna Ring) ବହୁତ କମ୍ ଦାମରେ ଉନ୍ନତ ଫିଚର୍ସ ପ୍ରଦାନ କରୁଛନ୍ତି। ଦାମ୍ ବିଷୟରେ କହିଲେ, ବୋଟ୍ ଏବଂ ନଏଜ୍‌ର ରିଙ୍ଗ୍ ୮,୦୦୦ ରୁ ୧୨,୦୦୦ ଟଙ୍କା ମଧ୍ୟରେ ମିଳୁଥିବା ବେଳେ ସାମସଙ୍ଗ୍ ଏବଂ ଅଲ୍ଟ୍ରାହ୍ୟୁମାନ୍‌ର ମୂଲ୍ୟ ୨୫,୦୦୦ ରୁ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହା ଦେଖିବାକୁ ଏକ ସାଧାରଣ ଟାଇଟାନିୟମ୍ ମୁଦି ଭଳି, କିନ୍ତୁ ଏହାର ଭିତର ପାର୍ଶ୍ୱରେ ଥାଏ ଅତି ସୂକ୍ଷ୍ମ ସେନ୍ସର। ଏହାର ମୁଖ୍ୟ କାମ ହେଉଛି Heart Rate Monitoring, SpO2 (ଅମ୍ଳଜାନ ସ୍ତର), ଶରୀରର ତାପମାତ୍ରା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ Sleep Tracking। ଏହା ଆପଣଙ୍କ ଶୋଇବାର ଶୈଳୀକୁ ଗଭୀର ଭାବେ ଅନୁଧ୍ୟାନ କରି 'ସ୍ଲିପ୍ ସ୍କୋର' ଦିଏ। ଏଥିରେ କୌଣସି ସ୍କ୍ରିନ୍ ନାହିଁ, ତେଣୁ




ଏହାର ବ୍ୟାଟେରୀ ଲାଇଫ୍ ଚମତ୍କାର - ଥରେ ଚାର୍ଜ କଲେ ଏହା ୬ ରୁ ୭ ଦିନ ପର୍ଯ୍ୟନ୍ତ ନିରନ୍ତର କାମ କରିଥାଏ। ଏହା ସମ୍ପୂର୍ଣ୍ଣ ଭାବେ ୱାଟରପ୍ରୁଫ୍, ତେଣୁ ଗାଧୋଇବା ବେଳେ ବା ସନ୍ତରଣ କରିବା ବେଳେ ଏହାକୁ ଖୋଲିବା ଦରକାର ନାହିଁ। ମଣିଷ ଶରୀର ଉପରେ ଏହାର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ମାର୍ଟୱାଚ୍ ତୁଳନାରେ ଏହା ହାତର ଧମନୀର ଅଧିକ ନିକଟତର ହୋଇଥିବାରୁ ଏହାର ରିପୋର୍ଟ ଅଧିକ ନିର୍ଭରଯୋଗ୍ୟ ହୋଇଥାଏ। ଏହା ଶରୀରର Stress Level (ମାନସିକ ଚାପ) କୁ ଚିହ୍ନଟ କରି ଆପଣଙ୍କୁ ବିଶ୍ରାମ ନେବା ପାଇଁ ସତର୍କ କରାଏ। ଯେଉଁମାନଙ୍କୁ ସ୍ମାର୍ଟୱାଚ୍ ପିନ୍ଧି ଶୋଇବା ଅସୁବିଧା ଲାଗେ, ସେମାନଙ୍କ ପାଇଁ ଏହା ଏକ ପ୍ରାକୃତିକ ଅନୁଭୂତି ଦିଏ। ଏହା କୌଣସି କ୍ଷତିକାରକ ରେଡିଏସନ୍ ସୃଷ୍ଟି କରେ ନାହିଁ, ବରଂ ଆମର 'ସିର୍କାଡିଆନ୍ ରିଦମ୍' (ଜୈବିକ ଘଣ୍ଟା) କୁ ବୁଝିବାରେ ସାହାଯ୍ୟ କରେ। ଯଦି ଆପଣ ଟେକ୍ନୋଲୋଜିକୁ ଭଲ ପାଆନ୍ତି ଏବଂ ବିନା କୌଣସି ବାଧାରେ ନିଜ ଫିଟନେସ୍‌କୁ ଟ୍ରାକ୍ କରିବାକୁ ଚାହାଁନ୍ତି, ତେବେ ସ୍ମାର୍ଟ ରିଙ୍ଗ୍ ହେଉଛି ଆପଣଙ୍କ ପାଇଁ ସର୍ବୋତ୍ତମ ପସନ୍ଦ। ମନେରଖନ୍ତୁ, ଟେକ୍ନୋଲୋଜି ଯେତେବେଳେ ସୂକ୍ଷ୍ମ ହୁଏ, ସେତେବେଳେ ତାହା ଅଧିକ ଶକ୍ତିଶାଳୀ ହୁଏ। ଆଉ ସ୍ମାର୍ଟ ରିଙ୍ଗ୍ ହେଉଛି ସେହି ଶକ୍ତିର ଏକ ପ୍ରଭାବଶାଳୀ ନମୁନା

**Corporate Calendar**

# ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ କୃଷକ ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଭୁବନେଶ୍ୱର ତରଫରୁ ପୁରୀ ଜିଲ୍ଲାର ରଘୁରାଜପୁର ଠାରେ କୃଷକ, ବରିଷ୍ଠ ନାଗରିକ ଏବଂ ଶିଳ୍ପୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି; ମହାପ୍ରବନ୍ଧକ ଅନିତା ପଟ୍ଟନାୟକ; ୟୁକୋ ବ୍ୟାଙ୍କ ଅଞ୍ଚଳ ପ୍ରମୁଖ ଭାଗବତ ସିଂ ଭାକୁନି; ପୁରୀ ଜିଲ୍ଲାର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ (ଏଲ.ଡି.ଏମ.) ଅନିଲ ଭୋଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଡା. ମହାନ୍ତି ନିଜ ଅଭିଭାଷଣରେ ଉପସ୍ଥିତ କୃଷକ, ବରିଷ୍ଠ ନାଗରିକ ଏବଂ ଶିଳ୍ପୀବୃନ୍ଦଙ୍କୁ ବିଭିନ୍ନ ପ୍ରକାରର ସାଇବର ଠକେଇ ଉପରେ ଆଲୋକପାତ କରିଥିଲେ ଏବଂ ସଚେତନତା ଅବଲମ୍ବନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଏହା ସହିତ ସେ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ୍ୟ ଗ୍ରାହକଙ୍କୁ ସଠିକ ଭାବେ ସହଯୋଗ ପ୍ରଦାନ କରି କାର୍ଯ୍ୟକୁ ସରଳୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ମହାପ୍ରବନ୍ଧକ ଶ୍ରୀମତୀ ପଟ୍ଟନାୟକ ଆର୍ଥିକ ସାକ୍ଷରତା ଏବଂ ସଚେତନତାକୁ ବୃଦ୍ଧି କରିବା ନିମନ୍ତେ ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ୟୁକୋ ବ୍ୟାଙ୍କ




ଅଞ୍ଚଳ ପ୍ରମୁଖ ଶ୍ରୀ ଭାକୁନି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଘୁରାଜପୁର ଏବଂ ଏହାର ଆଖପାଖ ଅଞ୍ଚଳର ୧୦୦ ଜଣ କୃଷକ, ବରିଷ୍ଠ ନାଗରିକ ଏବଂ ଶିଳ୍ପୀ ଯୋଗ ଦେଇ ବିଭନ୍ନ ପ୍ରକାରର ବ୍ୟାଙ୍କ ସୁବିଧା ବିଷୟରେ ଅବଗତ ହେବା ସହ ସମ୍ମୁଖୀନ ହେଉଥିବା ଅସୁବିଧା ଗୁଡ଼ିକୁ ଜଣାଇଥିଲେ। ଅଂଶଗ୍ରହଣକାରୀ ମାନଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ବିଭିନ୍ନ ଆର୍ଥିକ ସଚେତନତା ବାର୍ତ୍ତା ପୁସ୍ତିକା ସହ ନୋମିନେସନ, ଦାବିହୀନ ଜମା, ସାଇବର ଠକେଇ ସଚେତନତା ଇତ୍ୟାଦି ଉପରେ ଆଧାରିତ ପତ୍ରିକା ମଧ୍ୟ ବଣ୍ଟନ କରଯାଇଥିଲା। ଏହା ସହ ପଞ୍ଚାୟତର ସମସ୍ତ ବ୍ୟାଙ୍କ ଶାଖା ପରିଚାଳକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଏସ୍‌ବିଆଇ ତରଫରୁ ଏସ୍‌ସିବିର ମେଧାବୀ ଛାତ୍ରଛାତ୍ରୀଙ୍କୁ ଟାବଲେଟ୍ ପ୍ରଦାନ



ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସର୍କଲ କାର୍ଯ୍ୟାଳୟ ଭୁବନେଶ୍ୱର ତରଫରୁ ଏସ୍‌ସିବି ମେଡିକାଲ କଲେଜର ୧୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏସ୍‌ସିବି ମେଡିକାଲ କଲେଜ କ୍ୟାମ୍ପସ୍ ଶାଖାରେ ଟାବଲେଟ୍ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁସନ୍‌ର ଡିନ୍ ଡଃ. ପ୍ରତିଭା ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଏସ୍‌ସିବି ମେଡିକାଲ କଲେଜରେ ପଢିବା ସୌଭାଗ୍ୟର କଥା ଏବଂ ମେଡିକାଲ କ୍ଷେତ୍ରରେ ଉତ୍କର୍ଷତା ଲାଭ କରି ଛାତ୍ରଛାତ୍ରୀମାନେ ସମାଜକୁ ନିଷ୍ଠାର ସହ ସେବା ଯୋଗାଇ ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ । ଏସ୍‌ବିଆଇ କଟକ ରିଜିଓନାଲ ଅଫିସର ଆଞ୍ଚଳିକ ପ୍ରବନ୍ଧକ ଅସ୍ୱିନ୍ ଅନୁପମ ପ୍ରହରାଜ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟକ ଉପଦେଶ ପ୍ରଦାନ କରିଥିଲେ । ସେ ବ୍ୟାଙ୍କ ତରଫରୁ ଆର୍ଥିକ ଦୁର୍ବଳ ଓ ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ବ୍ୟାଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିବା ସହ ମେଧାବୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରୟାସରେ ନିରନ୍ତର ସହଯୋଗ କରିବାକୁ ଆଶ୍ୱାସନା ଦେଇଥିଲେ । ମୁଖ୍ୟ ପ୍ରବନ୍ଧକ ବିଶ୍ୱଜିତ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ସିବି ଶାଖାର ସମସ୍ତ କର୍ମଚାରୀଙ୍କ ସମେତ ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟର ଅଧିକାରୀ ନିରଞ୍ଜନ ମହାପାତ୍ର, ବିଜୟ କୁମାର ମହାପାତ୍ର ଏବଂ ସଞ୍ଜିତ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ଏସ୍‌ବିଆଇର ଏହି ପଦକ୍ଷେପ ଶିକ୍ଷା ପାଇଁ ପ୍ରୋତ୍ସାହନ ଏବଂ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ପ୍ରତି ଏହାର ସମର୍ପଣକୁ ପ୍ରତିଫଳିତ କରୁଛି ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ଆର୍ଥିକ ବର୍ଷ ୨୦୨୬ରେ ୧୪.୧୯% ଅଭିବୃଦ୍ଧି ହାରରେ ୧୦,୫୨୭ କୋଟି ଟଙ୍କାର ନେଟ୍ ଲାଭ

ବ୍ୟାଙ୍କ ଅଫ୍ ଇଣ୍ଡିଆର ଚଳିତ ଆର୍ଥିକ ବର୍ଷ୨୦୨୬ର ଆର୍ଥିକ ଫଳାଫଳ ପ୍ରକାଶ ପାଇଛି । ୨୦୨୬ ଆର୍ଥିକ ବର୍ଷରେ ବ୍ୟାଙ୍କ ଶତକଡା ୧୪.୧୯ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୧୦,୫୨୭ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି । ଆର୍ଥିକ ବର୍ଷ୨୦୨୬ର ଚତୁର୍ଥ ତ୍ରୈମାସରେ ବ୍ୟାଙ୍କ ଶତକଡା ୧୪.୮୫ ପ୍ରତିଶତ ବୃଦ୍ଧି ହାରରେ ୩,୦୧୬ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିଛି । ୨୦୨୬ର ଚତୁର୍ଥ ତ୍ରୈମାସରେ ବ୍ୟାଙ୍କର ଆର୍‌ଓଏ ଶତକଡା ୧.୦୧ ପ୍ରତିଶତ ଏବଂ ଆର୍‌ଓଇ ଶତକଡା ୧୬.୩୬ ପ୍ରତିଶତ ବୃଦ୍ଧି ପାଇଛି ।
ଆର୍ଥିକ ବର୍ଷ ୨୦୨୬ରେ ବ୍ୟାଙ୍କର ପରିଚାଳନାଗତ ଲାଭର ପରିମାଣ ୧୭,୦୪୯କୋଟି ଟଙ୍କା ରହିଥିବା ବେଳେ ଚତୁର୍ଥ ତ୍ରୈମାସରେ ପରିଚାଳନାଗତ ଲାଭର ପରିମାଣ ୫,୦୨୬ କୋଟି ଟଙ୍କାରେ ପହଞ୍ଚିଛି ।
ବ୍ୟାଙ୍କର ଗ୍ଲୋବାଲ ବିଜିନେସ୍ ମିକ୍ସ ବାର୍ଷିକ ଶତକଡା ୧୪.୫୭ ପ୍ରତିଶତ ବୃଦ୍ଧି ପାଇଛି ଏବଂ ୧୬.୯୮ଲକ୍ଷ କୋଟି ଅତିକ୍ରମ କରିଛି । ବ୍ୟାଙ୍କର ଗ୍ଲୋବାଲ ଜମା ବାର୍ଷିକ ଶତକଡା ୧୩.୫୬ ପ୍ରତିଶତ ବୃଦ୍ଧି ପାଇଛି ଏବଂ ୯.୨୭ ଲକ୍ଷ କୋଟି ଅତିକ୍ରମ କରିଛି । ବ୍ୟାଙ୍କର ଗ୍ଲୋବାଲ ଅଗ୍ରୀମ ଶତକଡା ୧୫.୮୨ ପ୍ରତିଶତକୁ ବୃଦ୍ଧି ପାଇ ୭.୭୧ ଲକ୍ଷ କୋଟି ଅତିକ୍ରମ କରିଛି । ଓଭରସିଜ୍ ଅଗ୍ରୀମ ବାର୍ଷିକ ଶତକଡା ୧୪.୨୫ ପ୍ରତିଶତ ବୃଦ୍ଧି ପାଇ ୧.୧୭ଲକ୍ଷ କୋଟି ଛୁଇଁଛି । ବ୍ୟାଙ୍କର ଖୁଚୁରା ଅଗ୍ରୀମରେ ଶତକଡା ୨୧.୧୯ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ଏମ୍‌ଏସ୍‌ଏମ୍‌ଇ, କୃଷି ଓ କର୍ପୋରେଟ୍ ଅଗ୍ରୀମ କ୍ଷେତ୍ରରେ ଯଥାକ୍ରମେ ଶତକଡା ୧୭.୬୮, ୧୭.୬୦ ଏବଂ ୧୨.୦୮ ପ୍ରତିଶତ ବୃଦ୍ଧି ଘଟିଛି । ରାମ୍ ଅଗ୍ରୀମ ଶତକଡା ୫୮.୭୪ ପ୍ରତିଶତ ବୃଦ୍ଧି ପାଇଛି । ମାର୍ଚ୍ଚ ୨୦୨୬ ଶେଷ ସୁଦ୍ଧା ବ୍ୟାଙ୍କର କାସା ଜମା ଏବଂ କାସା ଅନୁପାତ ଯଥାକ୍ରମେ ଶତକଡା ୭.୩୦ ପ୍ରତିଶତ ଏବଂ ଶତକଡା ୩୭.୬୪ ପ୍ରତିଶତ ରହିଛି ।
ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୧୨୯ ବିପିଏସ୍ ବୃଦ୍ଧି ପାଇ ଶତକଡା ୧.୯୮ ପ୍ରତିଶତରେ ପହଞ୍ଚିଥିବା ବେଳେ ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୬ ବିପିଏସ୍ ବୃଦ୍ଧି ପାଇ ଶତକଡା ୦.୫୬ ପ୍ରତିଶତରେ ପହଞ୍ଚିଛି । ବ୍ୟାଙ୍କର କ୍ରେଡିଟ୍ କଷ୍ଟ ୨୮ ବିପିଏସ୍ ବୃଦ୍ଧି ପାଇ ଶତକଡା ୦.୪୮ ପ୍ରତିଶତରେ ପହଞ୍ଚିଛି ।
ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ମାର୍ଚ୍ଚ ୨୦୨୬ ଶେଷ ସୁଦ୍ଧା ଶତକଡା ୧୮.୦୧ ପ୍ରତିଶତ ରହିଛି ।
ଡିଜିଟାଲ ଓ ବିକଳ୍ପ କ୍ଷେତ୍ରରେ ଆର୍ଥିକ ବର୍ଷ୨୦୨୬ରେ ୫୧ ଲକ୍ଷ ଗ୍ରାହକ ଯୋଡି ହୋଇଛନ୍ତି ଯାହା ଦ୍ୱାରା ୟୁପିଆଇ ଗ୍ରାହକଙ୍କ ସଂଖ୍ୟା ୨୭୧ ଲକ୍ଷ ହୋଇଛି । ବିକଳ୍ପ ବିତରଣ ମାଧ୍ୟମରେ କାରବାର ସଂଖ୍ୟା ୨୨ପ୍ରତିଶତ ଅଭିବୃଦ୍ଧି ସହିତ ୭.୬ ବିଲିୟନ୍‌କୁ ବୃଦ୍ଧି ପାଇଛି ।

**Taste of Business**

# Hyper-Local to Ultra-Global : କଟକି ଦହିବରାର ନ୍ୟୁୟର୍କ ଯାତ୍ରା

Local Soul to Global Goal: ନ୍ୟୁୟର୍କର ଚକଚକିଆ ଆଲୋକ...ଟାଇମ୍ସ ସ୍କୋୟାରର ସେହି ଜନଗହଳି..ଆଉ ତା' ମଝିରେ ମହକୁଛି ଆମ ଓଡ଼ିଶାର ମାଟିର ବାସ୍ନା! ଯେଉଁଠି ପୁରା ଦୁନିଆର ନଜର ଥାଏ, ସେଠି ଆଜି ରାଜ୍ କରୁଛି ଆମ ସମସ୍ତଙ୍କର ପ୍ରିୟ 'କଟକି ଦହିବରା-ଆଳୁଦମ'।ବିଶ୍ୱପ୍ରସିଦ୍ଧ ମିଚେଲିନ୍ ଷ୍ଟାର୍ ଶେଫ୍ ବିକାଶ ଖାନ୍ନା ନିଜର ନୂତନ ସିଗ୍ନେଚର ରେଷ୍ଟୋରାଁ 'Bunglow' ରେ ଓଡ଼ିଆ ସ୍ୱାଦକୁ ଏକ 'Royal Global Identity' ଦେଇଛନ୍ତି। ଏହି ରେଷ୍ଟୋରାଁର ମେନୁ ନମ୍ବର ୩୬, ଯେଉଁଠି ସ୍ଥାନ ପାଇଛି ଆମ ସମସ୍ତଙ୍କର ପ୍ରିୟ 'କଟକି ଦହିବରା-ଆଳୁଦମ'। ଏହା କେବଳ ଏକ ଖାଦ୍ୟ ନୁହେଁ, ବରଂ ଲୋକାଲ୍ ଷ୍ଟ୍ରିଟ୍ ଫୁଡ୍‌ରୁ ନେଇ ଗ୍ଲୋବାଲ୍ ଡାଇନିଂ ଟେବୁଲ୍ ପର୍ଯ୍ୟନ୍ତ ଏକ ଗୌରବମୟ ସଫର । ଏହି ସଫଳତା ପଛରେ ରହିଛି ଏକ ନିଆରା କାହାଣୀ। ଶେଫ୍ ବିକାଶ ଯେତେବେଳେ ଓଡ଼ିଶା ଗସ୍ତରେ ଆସିଥିଲେ, ଦହିବରା ଦୁନିଆର କିମ୍ବଦନ୍ତୀ 'ରଘୁ ଦହିବରା'ଙ୍କ ହାତର ସ୍ୱାଦ ଚାଖିଥିଲେ। ଦହିବରାର ନିଆରା ସ୍ୱାଦ ବିଷୟରେ ସେ ବିଭିନ୍ନ ସାକ୍ଷାତକାରରେ ଭୂରିଭୂରି ପ୍ରଶଂସା କରିଥିଲେ। ସେହି ମହତ୍ତ୍ୱପୂର୍ଣ୍ଣ ଅନୁଭୂତି ତାଙ୍କ ମନରେ ଏତେ ଗଭୀର ପ୍ରଭାବ ପକାଇଥିଲା ଯେ, ନ୍ୟୁୟର୍କ ଫେରିବା ପରେ ସେହି ସଠିକ୍ ସ୍ୱାଦକୁ ପାଇବା ପାଇଁ ସେ ବାରମ୍ବାର ପରୀକ୍ଷା ନିରୀକ୍ଷା କରିଥିଲେ। ଏବଂ ଆଜି ସେହି ପାରମ୍ପରିକ ସଂସ୍କାର ଏବଂ ରଘୁ ଜେଜେଙ୍କ ସେହି ସରଳ ସ୍ୱାଦକୁ ଏକ 'Culinary Masterpiece' ଭାବେ ସେ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି।ଏହା ହେଉଛି Hyper-Local to Ultra-Globalର ସବୁଠାରୁ ବଡ଼ ଉଦାହରଣ। ଶେଫ୍ ବିକାଶ ଏହି ପାରମ୍ପରିକ ବ୍ୟଞ୍ଜନକୁ ଏତେ ସମ୍ଭ୍ରାନ୍ତ ଶୈଳୀରେ ପରଷିଛନ୍ତି ଯେ, ଏହା ଇଣ୍ଟରନ୍ୟାସନାଲ୍ ଫୁଡ୍ ଲଭର୍ସଙ୍କ ପାଇଁ ଏକ ନୂଆ 'ଟ୍ରେଣ୍ଡ' ପାଲଟିଛି। ଆମ ସଂସ୍କୃତିର ସେହି ସରଳତା ଏବଂ ମସଲାର ଯାଦୁ ଆଜି ନ୍ୟୁୟର୍କର ଆଧୁନିକତା ସହ ତାଳ ଦେଇ ଚାଲିଛି। ଏହି ଘଟଣା ପ୍ରମାଣ କରିଛି ଯେ ଆମର 'Regional Legacy' ଯଦି ସଠିକ୍ ଭାବେ ଉପସ୍ଥାପନ କରାଯାଏ, ତେବେ ତାହା ବିଶ୍ୱ ମାନଚିତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ। କଟକର ସେହି ସରଳ ସ୍ୱାଦ, ଆଜି ବିଶ୍ୱ ଦରବାରରେ ସମ୍ଭ୍ରାନ୍ତର ପରିଚୟ। ସ୍ୱାଦରେ ସଂସ୍କାର, ଆଉ ଗର୍ବରେ ଆମ ଓଡ଼ିଆ!



Biz Zones

## WEST ODISHA STORY

# ସମ୍ବଲପୁରରେ ୧୯୪ କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

ସମ୍ବଲପୁର ହେଉଛି ଅପାର ସମ୍ଭାବନାର ଅଞ୍ଚଳ ଏବଂ ଏହି ମାଟିର ସର୍ବାଙ୍ଗୀନ ବିକାଶ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ । ଏହି ସଂକଳ୍ପକୁ ପାଥେୟ କରି ରେଢଖୋଲ ନିର୍ବାଚନମଣ୍ଡଳୀର ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରାୟ ୧୯୪ କୋଟି ଟଙ୍କାର ୪୮ଟି



ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନାକଟିଦେଉଳରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରର ମାଟି ହେଉଛି ବୀର ସଂଘର୍ଷର ମାଟି । ଏହି ମାଟିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆ ଇଂରେଜମାନଙ୍କ ବିରୁଦ୍ଧରେ ସାଲିସବିହୀନ ଲଢେଇ କରିଥିଲେ ଏବଂ ସ୍ୱାଭିମାନ ସହ ବୁଝାମଣା ନକରି ଦେଶମାତୃକା ପାଇଁ ନିଜର ବଳିଦାନ ଦେଇଥିଲେ । ତାଙ୍କର ବୀରତ୍ୱ ଓ ପରାକ୍ରମ ଅତୁଳନୀୟ । ସେ କହିଛନ୍ତି, ମା' ସମଲେଇଙ୍କ ଆଶୀର୍ବାଦରୁ ଆଜି ରେଢାଖୋଲ, ନାକଟିଦେଉଳ ଏବଂ ଝୁଝୁମୁରା ବ୍ଲକର ଉନ୍ନତି ପାଇଁ ପ୍ରାୟ ୯.୧୭ କୋଟି ଟଙ୍କାର ୧୭ଟି ପ୍ରକଳ୍ପ ଲୋକାର୍ପିତ ହୋଇଥିବା ବେଳେ ପ୍ରାୟ ୧୮୪.୬୯ କୋଟି ଟଙ୍କାର ୩୧ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ୮.୩୦ କୋଟି ଟଙ୍କା ବ୍ୟୟରେ ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍‌ର ବିକାଶ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ନାକଟିଦେଉଳ ଠାରେ ପ୍ରାୟ ୧୮ କୋଟି ଟଙ୍କା ବ୍ୟୟରେ କମ୍ୟୁନିଟି ହେଲଥ୍ ସେଣ୍ଟର ଭବନର ନୂତନ ଗୃହ ସହ ବିପିଏଚୟୁ ୟୁନିଟ୍ ପାଇଁ ଶିଳାନ୍ୟାସ ହୋଇଛି । ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୧୬.୧୦ କୋଟି ଟଙ୍କା ବ୍ୟୟରେ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି । ୪୭.୨୪ କୋଟି ଟଙ୍କା ବ୍ୟୟରେ ରେଢାଖୋଲ ବ୍ଲକ ଅଧୀନରେ ଆସୁଥିବା ରାମପୁର-ଗିରିଶଚନ୍ଦ୍ରପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍: ଭୂମିପୂଜନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ "ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍"ର ଭୂମିପୂଜନ କରିଛନ୍ତି । ଏହି ଐତିହ୍ୟ ସ୍ଥଳୀ ଭୀମମଣ୍ଡଳୀର ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ସହ ଏହା ସମ୍ବଲପୁରର ପର୍ଯ୍ୟଟନକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭୀମମଣ୍ଡଳୀ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ଓଡ଼ିଶାର ଗୌରବମୟ ଇତିହାସ ଓ ପୁରାତନ ସଭ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ । ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଅନୁସାରେ, ଭୀମମଣ୍ଡଳୀର ଗୁମ୍ଫା କାନ୍ଥରେ ଥିବା 'ରକ୍ ଆର୍ଟ' ଗୁଡ଼ିକ ପ୍ରାୟ ୧୦,୦୦୦ ବର୍ଷରୁ ଅଧିକ ପୁରୁଣା । ଏହି ସ୍ଥଳୀରେ ପ୍ରସ୍ତର ଯୁଗର ଅନେକ ପ୍ରାଚୀନ ଉପକରଣ ମଧ୍ୟ ମିଳିଛି । ଏହି ଦୁର୍ଲଭ ସ୍ଥଳୀକୁ ଆନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ସହ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଦ୍ୱାରା ଆନୁଷ୍ଠାନିକ ମାନ୍ୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଛି । ଐତିହାସିକ ଦୃଷ୍ଟିକୋଣ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପୌରାଣିକ ସମ୍ପର୍କ ପାଇଁ ଭୀମମଣ୍ଡଳୀ ସବୁବେଳେ ସ୍ୱତନ୍ତ୍ର । ଏହି ପରିପ୍ରେକ୍ଷୀରେ ଏହାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ପ୍ରାୟ ୮ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରିଛନ୍ତି, ଯାହାର କାମ ଆଜିର ଠାରୁ ଆରମ୍ଭ ହୋଇଛି। ଖୁବ ଶୀଘ୍ର ଏଠାରେ ପ୍ରବେଶ ପଥ, ବ୍ରିଜ୍, ଭ୍ୟୁ ପଏଣ୍ଟ, ସୌର ଶକ୍ତି ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଏବଂ ବିଶ୍ରାମ ଗୃହ ଆଦି ନିର୍ମାଣ କରାଯିବ । ସ୍ଥାନୀୟ ଜନସାଧାରଣଙ୍କ ଓ ଆର୍ଥିକ ଉନ୍ନତି ପାଇଁ ଏହି ପ୍ରକଳ୍ପ ଅନେକ ନୂଆ ସୁଯୋଗ ସୃଷ୍ଟି କରିବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶା ସରକାରଙ୍କ 'ହୋମ୍ ଷ୍ଟେ' ନୀତି ମାଧ୍ୟମରେ ସ୍ଥାନୀୟ ଗ୍ରାମବାସୀଙ୍କୁ ରୋଜଗାରକ୍ଷମ କରାଯିବା ସହ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର ପାରମ୍ପରିକ ଗ୍ରାମ୍ୟ ଜୀବନର ଅନୁଭୂତି ପ୍ରଦାନ କରିବା ପାଇଁ ଯୋଜନା ରହିଛି । ଆଗାମୀ ଦିନରେ ଏହି ଅଞ୍ଚଳର ସାଂସ୍କୃତିକ ଅର୍ଥନୀତିକୁ ସମୃଦ୍ଧ କରିବା ଦିଗରେ ଭୀମମଣ୍ଡଳୀ ବିଶେଷ ଭାବରେ ସହାୟକ ହେବ ।

# ବରଗଡ଼ ଜିଲ୍ଲାରେ ରବି ଧାନ କିଣା ଆରମ୍ଭ

ରାଜ୍ୟରେ ରବି ଋତୁରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ବରଗଡ଼ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଛି। ୧୫ ତାରିଖରୁ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନକିଣା ହେବ। ସେହିଭଳି ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ଆକାଉଣ୍ଟକୁ ସର୍ବନିମ୍ନ ସହାୟକ ମୂଲ୍ୟଏବଂ ଇନ୍‌ପୁଟ ସବ୍‌ସିଡ଼ି ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବରଗଡ଼ରେ ସରକାରୀସ୍ତରରେ ଧାନ ବିକ୍ରୟ ପାଇଁ ପ୍ରାୟ ଏକ ଲକ୍ଷ ୫ ହଜାର ଚାଷୀ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୯୬ ହଜାର ୩୭୭ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ସେହିପରି ୧୫ ତାରିଖରେ ବାଲେଶ୍ୱର, କଟକ, ପୁରୀ ଓ ସମ୍ବଲପୁରରେ ଧାନ ସଂଗ୍ରହ କରାଯିବ। ଚଳିତ ରବି ଋତୁରେ ବାଲେଶ୍ୱର ଜିଲ୍ଲାରେ ୩୮, ୧୧୩ ଚାଷୀ ପଞ୍ଜୀକରଣ କରିଥିବା ବେଳେ କଟକ ଜିଲ୍ଲାରେ ୩୫୧୮ ଜଣ, ପୁରୀରେ ୨୨,୨୩୬ ଜଣ ଓ ସମ୍ବଲପୁର ଜିଲ୍ଲାରେ ୧୯,୧୧୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଏହି ସବୁ ଜିଲ୍ଲାର ଚାଷୀମାନଙ୍କୁ ଯାଞ୍ଚ ପ୍ରକ୍ରିୟା ପରେ ଟୋକନ ପ୍ରଦାନ କରାଯିବ । ସମବାୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାରେ, ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ସୁବିଧା ପାଇଁ ଆବଶ୍ୟକ ନୋଡାଲ ଅଧିକାରୀ ଏବଂ ସୁପରଭାଇଜର ନିଯୁକ୍ତ କରାଯାଇଛି। ସବୁ ମଣ୍ଡିରେ ଚାଷୀମାନେ ଧାନ ବିକ୍ରୟ କରି ଯେପରି ଏକ ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରତ୍ୟେକ ମଣ୍ଡିରେ ଖରାରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ସେଡ୍, ପାନୀୟ ଜଳ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବାବେଳେ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସିସିଟିଭିର ବ୍ୟବସ୍ଥା କରାଯାଇଛି । ସେହିଭଳି ଅଦିନିଆ ବର୍ଷା ଓ ଖରାକୁ ଦୃଷ୍ଟିରେ ରଖି ଧାନର ସୁରକ୍ଷା ପାଇଁ ଆବଶ୍ୟକୀୟ ପଲିଥିନ୍‌ର ବ୍ୟବସ୍ଥା କରାଯାଇଛି । କୌଣସି ଯୋଗ୍ୟ ଚାଷୀ ଯେପରି ଧାନସଂଗ୍ରହ ପ୍ରକ୍ରିୟାରୁ ବାଦ ନ ପଡ଼ନ୍ତି ସେଥି ପ୍ରତି ମଧ୍ୟ ଯଥେଷ୍ଟ ଧ୍ୟାନ ରଖାଯାଉଛି । ଧାନକିଣା ପ୍ରକ୍ରିୟା ଦାୟିତ୍ୱରେ ଥିବା ଅଧିକାରୀମାନେ କର୍ତ୍ତବ୍ୟରେ ଅବହେଳା କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି ।



## SOUTH SIDE ODISHA

# ଉଦ୍ୟୋଗୀ ହେବେ ଡଙ୍ଗରିଆ ମହିଳା

ଡଙ୍ଗରିଆ ଜନଜାତିଙ୍କ ପରିଚୟ କପଡ଼ାଗୁଣ୍ଡା ସାଲ୍। ଜିଆଇ ଟ୍ୟାଗ୍ ସତ୍ତ୍ୱେ ଉତ୍ପାଦନ ଉଲ୍ଲେଖନୀୟ ନ ଥିବାରୁ ଧୀରେ ଧୀରେ ଚାହିଦା ହରାଉଛି। ନୂତନ ପିଢ଼ି ପାରମ୍ପରିକ ସାଲ୍ ପ୍ରସ୍ତୁତି ପାଇଁ ଆଗଭର ହେଉ ନଥିବାରୁ ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ପଦକ୍ଷେପ ନେଇଛି। ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରି ୩ ଡଙ୍ଗରିଆ ମହିଳାଙ୍କୁ ମାଷ୍ଟର୍ ଟ୍ରେନର୍ ତାଲିମ ଦେଇଛି ବିଭାଗ। ତାଲିମ ପରେ ବିଷମକଟକ ବ୍ଲକ୍ ଖମ୍ବେସି ଗ୍ରାମର ଲାହାରୀ କୁଣ୍ଡିକା, ମୁରୁଡି ୱାଡାକା ଓ ବାଙ୍ଗାରୀ ୱାଡାକା ଦକ୍ଷତା ପ୍ରଦର୍ଶନ କରି ବିଭାଗ ଦ୍ବାରା ମନୋନୀତ ହୋଇଛନ୍ତି। ଏବେ ଡଙ୍ଗରିଆଙ୍କ ଏହି ପାରମ୍ପରିକ କଳା ଉଦ୍ୟୋଗ ମାନ୍ୟତା ପାଇବାକୁ ଯାଉଛି। ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ କପଡ଼ାଗୁଣ୍ଡା ସାଲ୍ ବୁଣିବା ପାଇଁ ଡଙ୍ଗରିଆ ମହିଳାଙ୍କୁ ପ୍ରୋତ୍ସାହିତ କରିବା ସହ ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ସ୍ବତନ୍ତ୍ର ଡିଜାଇନ୍ ବ୍ୟବହାର କରି ଅନ୍ୟ ସାମଗ୍ରୀ ମଧ ନିର୍ମାଣ କରିବାକୁ ଯୋଜନା କରିଛି। ପୂର୍ବରୁ ୩ ମାସର ପରିଶ୍ରମରେ ଗୋଟିଏ ସାଲ୍ ସମ୍ପୂର୍ଣ୍ଣ ହେଉଥିବାରୁ ପରିଶ୍ରମ ବାବଦକୁ ଉଚିତ ମୂଲ୍ୟ ପାଉନଥିଲେ ଡଙ୍ଗରିଆ ମହିଳା। ଯେଉଁଥି ଲାଗି ସାଲ୍ ବୁଣିବାକୁ ଅନିଚ୍ଛୁକ ଥିଲେ। ଏବେ ବିଭାଗ ସେମାନଙ୍କୁ ଉଦ୍ୟୋଗୀ କରିବା ପାଇଁ ଅଣ୍ଟା ଭିଡ଼ିଛି। ୩ ଡଙ୍ଗରିଆ ମହିଳା ମାଷ୍ଟର ଟ୍ରେନର ହୋଇ ନିଜ ବ୍ୟବସାୟ ଆରମ୍ଭ କରିବା ସହ ଅନ୍ୟ ମହିଳାଙ୍କୁ ମଧ ରୋଜଗାରକ୍ଷମ କରିପାରିବେ ବୋଲି ବିଭାଗୀୟ ସଚିବ ଗୁହା ପୁନମ୍ ତାପସ କୁମାର ପ୍ରକାଶ କରିଛନ୍ତି। ବିଭାଗର



ଉତ୍କଳିକା କୋଅପରେଟିଭ ଲିମିଟେଡ୍ ଦ୍ବାରା ସ୍ବତନ୍ତ୍ର ଯୋଜନାରେ ଡଙ୍ଗରିଆ ଫ୍ୟୁଜନ୍ ଦେଇ ବିଭିନ୍ନ ସାମଗ୍ରୀ ନିର୍ମାଣ କରାଯିବ। ବିଭାଗର ପ୍ରଶିକ୍ଷଣ ଅନୁଷ୍ଠାନ (ସାଧକ) ସହ ଜାତୀୟ ଓ ଅନ୍ତର୍ଜାତୀୟ ଡିଜାଇନର୍ ଅନୁବନ୍ଧିତ ହୋଇ ଏହି ସ୍ବତନ୍ତ୍ର ସାଲ ଏବଂ ଅନ୍ୟାନ୍ୟ ଉତ୍ପାଦ ସଂପର୍କରେ ଡଙ୍ଗରିଆ ମହିଳାଙ୍କ ସହ ଆଲୋଚନା କରି ଉତ୍ପାଦକୁ ଆଗକୁ ବଢ଼ାଇବେ ବୋଲି ଶ୍ରୀମତୀ ଗୁହା ପ୍ରକାଶ କରିଛନ୍ତି। ଶୁଖିଲା ଲାଉରେ ବିଭିନ୍ନ କଳାକୃତି କରୁଥିବା ଓଡ଼ିଶାର ଏକମାତ୍ର ଶିଳ୍ପୀ ରାୟଗଡ଼ାର ହିମାଂଶୁ ଶେଖର ପାଣ୍ଡିଆ ମଧ ମାଷ୍ଟର୍ କ୍ରାଫ୍ଟ ପର୍ସନ୍ ରୂପେ ମନୋନୀତ ହୋଇଛନ୍ତି। ମନୋନୀତ ମାଷ୍ଟର କ୍ରାଫ୍ଟ ପର୍ସନ୍‌ମାନେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ କରି ରୋଜଗାରକ୍ଷମ କରିବାରେ ସହାୟକ ହେବେ ବୋଲି ବିଭାଗ ଆଶା ରଖିଛି।

# ପୁରୀରୁ କୋରାପୁଟ ଗଡ଼ିବ ଟ୍ରେନ୍: ସପ୍ତାହକୁ ତିନି ଦିନ ଚାଲିବ

ଓଡ଼ିଶାର ରେଳ ସଂଯୋଗୀକରଣ କ୍ଷେତ୍ରରେ ବଡ଼ ପଦକ୍ଷେପ ସ୍ୱରୂପ ପୁରୀ ଓ କୋରାପୁଟ ମଧ୍ୟରେ ଏକ ନୂତନ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ପାଇଁ ରେଳ ମନ୍ତ୍ରଣାଳୟ ଅନୁମୋଦନ ପ୍ରଦାନ କରିଛି। ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍(୧୮୪୦୭/୧୮୪୦୮) ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଭଳି ୧୧ଟି ଜିଲ୍ଲା ଦେଇ ଚାଲିବ। ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ଛାଡ଼ିବାକୁ ଥିବା ବେଳେ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ବାହାରିବ। ଏହାଦ୍ୱାରା ପୁରୀ, ଭୁବନେଶ୍ୱର ଓ ଦକ୍ଷିଣ ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲାବାସୀଙ୍କ ବହୁଦିନର ଆଶା ପୂରଣ ହୋଇଛି ବୋଲି ଭାରତୀୟ ରେଳବାଇ ପକ୍ଷରୁ କୁହାଯାଇଛି। ବିଶେଷକରି କେବିକେ ଅଞ୍ଚଳର ଜିଲ୍ଲାଗୁଡ଼ିକ ସହିତ ସଂଯୋଗ ସୁଦୃଢ଼ ହେବ। ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୁଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ଼ ରୋଡ, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁରରୋଡ୍, କାକିରିଗୁମା ଓ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ଏହି ଏକ୍ସପ୍ରେସ୍ ରହଣି କରିବ। ଏହା ଉପକୂଳ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକ ମଧ୍ୟରେ ଯାତାୟାତରେ ଉନ୍ନତି ଆଣିବା ସହ ଆଞ୍ଚଳିକ ସମନ୍ୱୟ ଓ ସାମାଜିକ-ଅର୍ଥନୈତିକ ବିକାଶକୁ ଯଥେଷ୍ଟ ବୃଦ୍ଧି କରିବ। ଏହି ସେବା ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଏବଂ କୋରାପୁଟ ଓ ରାୟଗଡ଼ାର ମନୋରମ ତଥା ଆଦିବାସୀ ଅଞ୍ଚଳ ଭ୍ରମଣରେ ଯାଉଥିବା ପର୍ଯ୍ୟଟକଙ୍କ ପାଇଁ ଏକ ନିରନ୍ତର ସଂଯୋଗ ପ୍ରଦାନ କରିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନୂତନ ଟ୍ରେନ୍‌କୁ ଅନୁମୋଦନ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।




## FINDING NORTH ODISHA

# କଳିଙ୍ଗନଗର ଶିଳ୍ପ ଅଭିବୃଦ୍ଧିର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ



ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋ ଅଧ୍ୟକ୍ଷା ଉଷା ପାଢୀ ଯାଜପୁରର କଳିଙ୍ଗନଗର ଶିଳ୍ପାଞ୍ଚଳ ଗସ୍ତ କରିଛନ୍ତି। ଏହାସହ ଶିଳ୍ପାଞ୍ଚଳର ଶିଳ୍ପାୟନର ବିକାଶ ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରଥମେ ଆଳିଜଙ୍ଗାଠାରେ ପ୍ରାୟ ୬୦୦ ଏକର ଜମି ପରିଦର୍ଶନ କରିଥିଲେ। ପରେ ଶିଳ୍ପ ସମ୍ପ୍ରସାରଣ ପାଇଁ ସୁକୁଟିଝରା ଅଞ୍ଚଳର ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ଅମ୍ବର କର, କଳିଙ୍ଗନଗର ଏଡିଏମ୍ ସପନ କୁମାର ନନ୍ଦ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀମତୀ ପାଢୀ ଟାଟା ଷ୍ଟିଲ୍‌ର ଡିବି ପ୍ଲଟ୍ ନଂ-୨ ପରିଦର୍ଶନ କରିଥିଲେ। ଜିଲ୍ଲାରେ ଚାଲିଥିବା ସହରାଞ୍ଚଳ ବିକାଶ ପ୍ରକଳ୍ପ ଏବଂ ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ବିଶେଷ କରି ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା, ସେବା ପ୍ରଦାନ ଏବଂ ନୂତନ ଶିଳ୍ପ ସହରଗୁଡ଼ିକରେ ଜୀବନଧାରଣର ମାନ ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀମତୀ ପାଢୀ କେଏନଡିଏ ସମ୍ମିଳନୀ କକ୍ଷରେ କଳିଙ୍ଗନଗର ଜାତୀୟ ଶିଳ୍ପ କରିଡର କେଏନ୍‌ଆଇସିର ବିକାଶ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନାରେ ଜିଲ୍ଲାପାଳ, ଇଡକୋ ଏବଂ ଜିଲ୍ଲା ବିନିଯୋଗ ପ୍ରୋତ୍ସାହନ ଏଜେନ୍ସିର ଅଧିକାରୀମାନେ ସାମିଲ ହୋଇଥିଲେ। ଏଥିରେ ଜମି ବଣ୍ଟନ ପ୍ରକ୍ରିୟାକୁ ସରଳ କରିବା, ଭିତ୍ତିଭୂମି ଯୋଗାଇଦେବା ଏବଂ ଶିଳ୍ପ ଅଭିବୃଦ୍ଧି ସହିତ ଆବଶ୍ୟକୀୟ ସହରୀ ସେବାଗୁଡ଼ିକର ସମନ୍ୱୟ ରକ୍ଷା କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା |

## Growth Central

# High-level discussion held in the 65th meeting of the Empowered Committee on Infrastructure (ECI) for PPP Projects chaired by Chief Secretary



The Empowered Committee on Infrastructure for PPP Projects under the chairpersonship of Chief Secretary Anu Garg, accorded in-principle approval to five new PPP projects, worth a total project cost of Rs.1130 Crore across key sectors like health, sewerage treatment, urban development, water supply and animal vaccine production. In this context, the Committee also reviewed the ongoing pipeline of PPP projects and advised the concerned Departments/ Project Sponsoring Authorities to adhere to strict timelines as well as due diligence at each phase of project execution. Chief Secretary emphasised on how PPP projects are critical to achieving the targets set for attracting private investment under "Vision 2036" and to overall sustainability of a developed Odisha. Further, the Committee granted in-principle approval to the collaboration between PPP Cell in Finance Department and International Finance Corporation (IFC) for building a pipeline of doable projects and a robust PPP-friendly ecosystem in the State.

# ୟୁକୋ ବ୍ୟାଙ୍କର ୨,୭୬୮ କୋଟି ଟଙ୍କାର ନେଟ୍ ଲାଭ




ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ଚତୁର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି । ବ୍ୟାଙ୍କ ମାର୍ଚ୍ଚ ମାସ ଶେଷ ସୁଦ୍ଧା, ଚତୁର୍ଥ ତ୍ରୈମାସରେ ଶତକଡା ୨୨.୬୬ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୮୦୧ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୬୫୩ କୋଟି ଟଙ୍କା ରହିଥିଲା । ବ୍ୟାଙ୍କର ରିଟେଲ୍, କୃଷି ଓ ଏମ୍ଏସ୍ଏମ୍ଇରେ ଶତକଡା ୨୪.୨୩ ପ୍ରତିଶତ ବୃଦ୍ଧି ଘଟି ୧,୫୨,୩୨୪ କୋଟିରେ ପହଞ୍ଚôଚଛି । ମାର୍ଚ୍ଚ ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧିରେ ଶତକଡା ୧୪.୯୫ ପ୍ରତିଶତ ବୃଦ୍ଧି ଘଟି ୫,୯୦,୩୧୪ କୋଟିରେ ପହଞ୍ଚôଚଛି । ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା ୫.୮୯ ପ୍ରତିଶତ ବୃଦ୍ଧି ଘଟି ୧୦,୧୯୭ କୋଟିରେ ପହଞ୍ଚିଛି । ଚତୁର୍ଥ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ଶତକଡା ୩ ପ୍ରତିଶତ ବୃଦ୍ଧି ପାଇଥିବା ସହ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍ଏଆର୍) ଶତକଡା ୧୮.୬୧ ପ୍ରତିଶତ ବୃଦ୍ଧି ପାଇଛି । ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ଶତକଡା ୯୭.୭୯ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ଶତକଡା ୬.୪୯ ପ୍ରତିଶତ ଅଭିବୃଦ୍ଧି ହାରରେ ୬,୪୨୯ କୋଟିରେ ପହଞ୍ଚିଛି । ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୫୨ ବିପିଏସ୍ ହ୍ରାସ ପାଇ ଶତକଡା ୨.୧୭ ପ୍ରତିଶତରେ ପହଞ୍ଚିଛି । ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୩ ବିପିଏସ୍ ହ୍ରାସ ପାଇ ଶତକଡା ୦.୨୭ ପ୍ରତିଶତରେ ପହଞ୍ଚିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୟୁକୋ ବ୍ୟାଙ୍କର ୩,୪୧୨ଟି ଘରୋଇ ଶାଖା ରହିଥିବା ବେଳେ ହଂକଂକଙ୍ଗ୍ ଓ ସିଙ୍ଗାପୁରରେ ୨ଟି ଶାଖା ରହିଛି ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି ।

# କିଏ କେଉଁ କୋଇଲା ଖଣି ଉତ୍ତୋଳନ କରୁଛି ?



ଓଡିଶାର କୋଇଲା ଖଣିଗୁଡିକରୁ ଯେତିକି କୋଇଲା ଖୋଳାଯାଉଛି ତାହାର ସିଂହଭାଗ ରାଜ୍ୟ ବାହାରକୁ ଯାଉଛି । ରାଜ୍ୟ ଭିତ୍ତରେ ବ୍ୟବହାର ହେଉଥିବା କୋଇଲା ତୁଳନାରେ ରାଜ୍ୟ ବାହାରକୁ ଯାଉଥିବା କୋଇଲାର ପରିମାଣ ଅଧିକ ରହୁଛି । ରାଜ୍ୟର ପ୍ରମୁଖ କୋଇଲା ଖଣିର ଉତ୍ତୋଳନ ଓ ବ୍ୟବହାରକୁ ଅନୁଧ୍ୟାନ କଲେ ଏହା ଦେଖିବାକୁ ମିଳୁଛି । ୪୩୧ ହେକ୍ଟର ଅଞ୍ଚଳରେ ଥିବା ବସୁନ୍ଧରା କୋଇଲା ଖଣିରୁ କୋଇଲା ଉତ୍ତୋଳନ କରୁଛି ଏମସିଏଲ୍ । ଗତ ଆର୍ଥିକ ବର୍ଷରେ ଫେବୃଆରୀ ସୁଦ୍ଧା ଏମସିଏଲ ଉତ୍ତୋଳନ କରିଥିବା କୋଇଲାରରୁ ୩୮,୫୦୮ ନିୟୁତ ଟନ୍ ରାଜ୍ୟ ଭିତ୍ତରେ ବ୍ୟବହାର ହୋଇଥିବାବେଳେ ରାଜ୍ୟ ବାହାରକୁ ୫୦ହଜାର ନିୟୁତ ଟନ୍‌ରୁ ଅଧିକ କୋଇଲା ଯାଇଛି । ୨୦୨୨-୨୩ ଓ ୨୦୨୩-୨୪ ବର୍ଷରେ ମଧ୍ୟ ଅନୁରୂପ କୋଇଲା ବ୍ୟବହାର ଦେଖିବାକୁ ମିଳିଥିଲା । ଅନ୍ୟକୋଇଲା ଖଣିଗୁଡିକ ମଧ୍ୟରେ କୁଲଦା, ଗର୍ଜନବାହାଲ, ସିଆମାଳ ଆଦି ଖଣିରୁ ଏମସିଏଲ୍ କୋଇଲା ଉତ୍ତୋଳନ କରୁଥିବାବେଳେ ଡୁଲୁଙ୍ଗାରୁ ଏନଟିପିସି, ମନୋହରପୁରର ଓସିପିଏଲ୍ ଓ ଜାମଖାନିରୁ ବେଦାନ୍ତ କୋଇଲା ଉତ୍ତୋଳନ କରୁଛି । ଏମସିଏଲ୍ ଉତ୍ତୋଳନ କରୁଥିବା କୋଇଲା ମଧ୍ୟରୁ ରାଜ୍ୟ ଭିତରେ ଯେତିକି ବ୍ୟବହାର ହେଉଛି ତାହାଠାରୁ ଅଧିକ ରାଜ୍ୟ ବାହାରକୁ ଯାଉଛି । ତେବେ ଏନଟିପିସି ଓ ବେଦାନ୍ତ ଯେତିକି ପରିମାଣର କୋଇଲା ଉତ୍ତୋଳନ କରୁଛନ୍ତି ତାହାକୁ ସମ୍ପୂର୍ଣ୍ଣ ଭାବେ ରାଜ ଭିତରେ ବ୍ୟବହାର କରୁଛନ୍ତି। ୨୦୨୫-୨୬ରେ ଏନଟିପିସି ଡୁଲାଙ୍ଗ କୋଇଲା ଖଣିରୁ ୬ଲକ୍ଷ ନିୟୁତ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ କରିଥିାବବେଳେ ବେଦାନ୍ତ ଜାମଖାନିରୁ ପାଖପାଖି ୨ଲକ୍ଷ ନିୟୁତ ଟନ୍ କୋଇଲା ଉତ୍ତୋଳନ କରିଛି । ତେବେ ଓଡିଶା ସରକାରଙ୍କ ନିୟନ୍ତ୍ରଣାଧିନ ଓସିପିଏଲ୍ ମନୋହରପୁର କୋଇଲା ଖଣିରୁ ଯେତିକି କୋଇଲା ଉତ୍ତୋଳନ କରିଛି ସେଥିରୁ ୧୯ଲକ୍ଷ ଟନ୍ କୋଇଲା ରାଜ୍ୟ ବାହାରକୁ ପଠାଇଛି । ଏମାନଙ୍କ ବ୍ୟତିତ ନାଲେ୍କା, ଜେଏସପିଏଲ୍, ଏନଏଲସି ଆଦିକୁ ବି ରାଜ୍ୟରେ ବିଭିନ୍ନ କୋଇଲା ଖଣି ଆବଣ୍ଟନ କରାଯାଇଛି । ରାଜ୍ୟରେ ମୋଟ୍ ୩୮ଟି କୋଇଲା ବ୍ଲକ ବଳବତ୍ତର ଥିବାବେଳେ ଏଥିରୁ ୨୮ଟି କାର୍ଯ୍ୟକ୍ଷମ ରହିଛି । ଓଡିଶାରୁ ଉତ୍ପାଦିତ କୋଇଲା ମୁଖ୍ୟତଃ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବ୍ୟବହାର ହେଉଥିବାବେଳେ ଉତ୍ତୋଳନ କରୁଥିବା ରାଷ୍ଟ୍ରାୟତ ଓ ଘରୋଇ କମ୍ପାନୀଗୁଡିକ ଏହାକୁ ରାଜ୍ୟ ଭିତ୍ତରେ ଥିବା ନିଜ ନିଜ ତାପଜ କେନ୍ଦ୍ରରେ ବ୍ୟବହାର କରିବା ସହିତ ରାଜ୍ୟ ବାହାରେ ଥିବା ତାପଜ କେନ୍ଦ୍ରରେ ବ୍ୟବହାର ପାଇଁ ମଧ୍ୟ ପଠାଉଛନ୍ତି । ରାଜ୍ୟରେ ଯେତେସବୁ କୋଇଲା ଖଣିରୁ ବର୍ତ୍ତମାନ ଉତ୍ତୋଳନ ଜାରି ରହିଛି ସେଥିରୁ ଅଧିକାଂଶ ଅନୁଗୁଳ, ଝାରସୁଗୁଡା, ସୁନ୍ଦରଗଡ ଆଦି ଜିଲ୍ଲାରେ ରହିଛି। ଏଠାରେ ଉତ୍ତୋଳିତ ହେଉଥିବା କୋଇଲାର ସିଂହଭାଗ ଦାୟିତ୍ୱ ଏମସିଏଲ୍ ହାତରେ ରହିଥିବାବେଳେ ରାଷ୍ଟ୍ରାୟତ ସଂସ୍ଥା ଏନଟିପିସି ଓ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧିନ ଓସିପିଏଲ୍ ମଧ୍ୟ କୋଇଲା ଉତ୍ତୋଳନ କରୁଛନ୍ତି ।

# Odisha presents ambitious ₹5,000 crore urban transformation vision at national Urban Challenge Fund(UCF) Meeting





Reinforcing its position as a national leader in transformative urban governance, the Government of Odisha presented an ambitious "Next-Generation Urban Growth Roadmap" at the 1st National Apex Committee Meeting on the Urban Challenge Fund (UCF), chaired by Union Minister for Housing and Urban Affairs Manohar Lal Khattar in New Delhi. Representing Odisha, ACS H&UD Usha Padhee showcased a strategic portfolio of five major urban infrastructure projects valued at over ₹5,000 crore under the Urban Challenge Fund framework. The proposed initiatives aim to accelerate the development of resilient, inclusive, and technology-driven urban ecosystems across the State. The presentation highlighted Odisha's evolving urban development model that prioritizes sustainable infrastructure, climate resilience, digital governance, and citizen-centric growth. The roadmap envisions cities that are not only economically vibrant and technologically advanced, but also environmentally sustainable and socially inclusive. ₹5,000 Crore Investment Pipeline Odisha presented a robust portfolio of high-impact urban projects focused on integrated infrastructure development, improved civic services, mobility enhancement, and quality urban living. The proposed projects place strong emphasis on flood mitigation, scientific drainage systems, expansion of urban green spaces, sustainable water management, and climate-adaptive infrastructure to create future-ready cities. The roadmap seeks to ensure that the benefits of urban growth reach every section of society, with special focus on vulnerable communities, women, street vendors, and economically weaker sections through equitable access to urban services and opportunities. Odisha also highlighted the integration of smart technologies, digital platforms, and data-driven governance systems to enhance transparency, efficiency, and responsiveness in urban administration and municipal service delivery. Speaking at the meeting, ACS Padhee stated that Odisha's vision goes beyond conventional infrastructure expansion. "Our focus is on creating durable and future-ready urban ecosystems. Through the Urban Challenge Fund, Odisha is committed to implementing innovative urban solutions that balance rapid economic growth with environmental sustainability and social equity," she said. The National Apex Committee appreciated Odisha's proactive planning, reform-oriented governance, and consistent performance in urban development initiatives. The State's presentation was widely acknowledged as a model for integrated and forward-looking urban transformation. Senior officials from the Ministry of Housing and Urban Affairs and representatives from various States attended the meeting, where Odisha was recognized among the leading performers in the urban development sector. With its strong policy direction and implementation-driven approach, Odisha continues to emerge as a national benchmark in urban rejuvenation and sustainable city development, aligned with the broader vision of building inclusive and future-ready urban India.

# DEA delegation visits Paradip Port Authority for industry interaction and infrastructure review



A high-level delegation from the Department of Economic Affairs (DEA), Ministry of Finance, Government of India, led by Juhi Mukherjee, Joint Secretary, DEA, visited Paradip Port Authority (PPA) as part of the Government of India's field outreach programme aimed at engaging directly with industry stakeholders and understanding sectoral challenges. The delegation visited the Administrative Building of Paradip Port Authority and held detailed discussions with senior officials of the port on key issues related to port infrastructure, logistics, trade facilitation, industrial growth, operational efficiency and future expansion plans. P. L. Haranadh, IRTS, Chairman, Paradip Port Authority, welcomed the delegation in the presence of T. Venu Gopal, Deputy Chairman, A.K. Bose, Advisor (Traffic Manager), along with Heads of Departments and senior officials of PPA. During the interaction, Paradip Port Authority highlighted the port's strategic importance in India's maritime trade ecosystem and its vital contribution towards handling major cargo volumes, supporting industrial growth and strengthening the logistics network of the eastern region. The discussions also focused on infrastructure development initiatives, multimodal connectivity, mechanisation, operational challenges and measures being undertaken to improve efficiency and ease of doing business at the port. The DEA delegation's visit provided an important platform for constructive dialogue between policy makers and industry stakeholders, enabling better understanding of on-ground realities and future requirements of the maritime and industrial sectors. Paradip Port Authority reaffirmed its commitment towards supporting national economic growth through world-class port infrastructure, efficient cargo handling and sustainable development initiatives.

## StorySelling

# ପର୍ବପର୍ବାଣୀ କ୍ୟାଲେଣ୍ଡରରେ ବନ୍ଧା ସିନେମାର ଭାଗ୍ୟ: କାହାଣୀରେ ନୁହେଁ, ତାରିଖରେ ଅଟକିଛି ସଫଳତା !

**ମାଟିର କାହାଣୀ ଓ ମଉକାର ଅପେକ୍ଷା:** କଳ୍ପନା କରନ୍ତୁ, ଯଦି କେବଳ ପର୍ବପର୍ବାଣୀରେ ହିଁ ଆମେ ଭଲ ଖାଦ୍ୟ ଖାଇବା କିମ୍ବା ନୂଆ ପୋଷାକ ପିନ୍ଧିବା, ତେବେ ବର୍ଷର ଅବଶିଷ୍ଟ ଦିନଗୁଡ଼ିକ ଫିକା ପଡ଼ିଯିବ ନାହିଁ? ଠିକ୍ ସେହିଭଳି ଏକ ସମସ୍ୟା ଦେଇ ଗତି କରୁଛି ଆମର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ। ଓଡ଼ିଶାରେ 'ବାର ମାସରେ ତେର ପର୍ବ'ର ସମ୍ଭ୍ରାନ୍ତ ପରମ୍ପରା ରହିଛି ସତ, କିନ୍ତୁ ଆଜି ମଧ୍ୟ ସିନେମା ହଲ୍‌ର ପରଦା କେବଳ ସେହି କେଇଟା ପର୍ବର ତାରିଖକୁ ଚାହିଁ ରହୁଛି। ପର୍ବ ଆସିଲେ ଓଡ଼ିଆ ସିନେମା ମନେପଡ଼େ, ଆଉ ପର୍ବ ଗଲେ ସବୁ ଶୂନ୍‌ଶାନ୍। କାହିଁକି ଆମ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ କେବଳ ରଜ କିମ୍ବା ଦଶହରାକୁ ଅପେକ୍ଷା କରନ୍ତି? ଏହା କ'ଣ ଆତ୍ମବିଶ୍ୱାସର ଅଭାବ ନା ବ୍ୟବସାୟିକ ଅସୁରକ୍ଷିତାର ଏକ ବଡ଼ ଚିତ୍ର? ଆଜିର ପ୍ରତିଯୋଗିତାମୂଳକ ଯୁଗରେ ଓଡ଼ିଆ ସିନେମା କେବଳ ପର୍ବପର୍ବାଣୀର 'ଋତୁଭିତ୍ତିକ ବ୍ୟବସାୟ' ମଧ୍ୟରେ ସୀମିତ ହୋଇ ରହିଯିବା ଏକ ଚିନ୍ତାର ବିଷୟ। ଓଡ଼ିଆ ସିନେମାର ଅଧିକାଂଶ ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ ପାଇଁ ରଜ, ଦଶହରା ନୂଆବର୍ଷ ହେଉଛି ଏକ 'ସେଫ୍ ଜୋନ୍'। ସେମାନଙ୍କ ଧାରଣା ଯେ ଛୁଟିଦିନରେ ଲୋକେ ହଲକୁ ଆସିବେ, ତେଣୁ ଯାହା ବି ତିଆରି କଲେ ବିକ୍ରି ହୋଇଯିବ। କିନ୍ତୁ ଏହି ମାନସିକତା ଆମ ସିନେମାକୁ 'ଋତୁଭିତ୍ତିକ କରିଦେଇଛି। ଯଦି ଆମେ ଦକ୍ଷିଣ ଭାରତୀୟ କିମ୍ବା ବଲିଉଡ୍ ସିନେମାକୁ ଦେଖିବା, ସେମାନେ ନିଜର Aggressive Marketing ଏବଂ ଶକ୍ତିଶାଳୀ Narrative ବଳରେ ଏକ ସାଧାରଣ ଶୁକ୍ରବାରକୁ ମଧ୍ୟ 'ପର୍ବ'ରେ ପରିଣତ କରିଦିଅନ୍ତି। ଆମ ପାଖରେ କାହାଣୀର କମି ନାହିଁ, କିନ୍ତୁ ସେହି କାହାଣୀକୁ ଯେକୌଣସି ଦିନ ରିଲିଜ୍ କରିବାର 'ସାହସ' ବୋଧହୁଏ ନାହିଁ। ପର୍ବରେ ୩-୪ଟି ଫିଲ୍ମ ଏକାସାଙ୍ଗରେ ଆସିବା ଦ୍ୱାରା ଦର୍ଶକଙ୍କ ମନ ବିଭାଜିତ ହୁଏ ଏବଂ ସ୍କ୍ରିନ୍ ସଂଖ୍ୟା କମିଯାଏ.. ଯାହା ଶେଷରେ ସବୁ ସିନେମାର ହିଁ କ୍ଷତି କରିଥାଏ ବା ଆଶାତୀତ ସଫଳତା ପ୍ରଦାନ କରିଥାଏ। ଭାବନ୍ତୁ ତ, ଯଦି Off-season ସମୟରେ ଏକ ଉନ୍ନତମାନର ମୌଳିକ ସିନେମା ଆସେ, ତାକୁ ପୁରା ମଇଦାନ ଖାଲି ମିଳିବ। ଦର୍ଶକଙ୍କ ପାଖରେ କୌଣସି ବିକଳ୍ପ ନଥିବାରୁ ସେମାନେ ସେହି ସିନେମାକୁ ହିଁ ଦେଖିବେ। ଏହା ହିଁ ହେଉଛି ପ୍ରକୃତ ବ୍ୟବସାୟ। ଏହି ଚିରାଚରିତ ଧାରଣା ଯୋଗୁଁ ଆମେ ବର୍ଷର ପ୍ରାୟ ୧୦ ମାସ ହାତଛଡ଼ା କରୁଛୁ ଏବଂ ଅଣ-ଓଡ଼ିଆ ସିନେମା ପାଇଁ ବାଟ ଛାଡ଼ି ଦେଉଛୁ। ଯଦି ଆମେ ଅତୀତର ଟ୍ରେଣ୍ଡକୁ ଦେଖିବା, ତେବେ ଏହି ପର୍ବପର୍ବାଣୀ ଭିଡ଼ର ଅନେକ ବଡ଼ ଉଦାହରଣ ସାମ୍ନାକୁ ଆସିବ। ଓଡ଼ିଶାର ସବୁଠାରୁ ବଡ଼ ଗଣପର୍ବ 'ରଜ' କଥା ବିଚାର କଲେ, ଏହି ସମୟରେ ବାବୁଶାନ୍‌ଙ୍କ 'ମାଲ ମହୁଆ ଶବରୀ', 'ଲଭ୍ ଷ୍ଟେସନ୍' କିମ୍ବା ଅନୁଭବ ମହାନ୍ତିଙ୍କ 'ବାଳୁଙ୍ଗା ଟୋକା' ବୋଉ-ବୁଟୁ-ଭୂତ,ଭଳି ସିନେମା ମଧ୍ୟରେ ଜବରଦସ୍ତ ଟକ୍କର ଦେଖିବାକୁ ମିଳିଛି। ସେହିପରି ଦୁର୍ଗାପୂଜା ବା ଦଶହରା ବଜାରକୁ ହାତେଇବା ପାଇଁ 'ରାବଣ', 'ମନ ମୋର ପ୍ରଜାପତି' କିମ୍ବା 'ଲଭ୍ ପ୍ରମିଜ୍' ଚାରିଧାମ,କର୍ମ,ଦମନ ଭଳି ବହୁ ପ୍ରତିକ୍ଷିତ ମେଗା ବଜେଟ୍ ଫିଲ୍ମଗୁଡ଼ିକ ଏକାସାଙ୍ଗରେ ପରଦାକୁ ଆସିଛନ୍ତି। ଏହି ଉତ୍ସବ ଦିନଗୁଡ଼ିକରେ କେବଳ ଫିଲ୍ମ ରିଲିଜ୍ କରିବା ଦ୍ୱାରା ଅନେକ ସମୟରେ ଭଲ ସିନେମା ମଧ୍ୟ ହଲ୍ ଅଭାବରୁ ବ୍ୟବସାୟିକ କ୍ଷତି ସହେ। ତେଣୁ ଏହି ଚିନ୍ତାଧାରାରୁ ବାହାରି ଯେଉଁଦିନ ଓଡ଼ିଆ ପ୍ରଯୋଜକ ମାନେ କାହାଣୀର ଶକ୍ତି ଉପରେ ଭରସା କରି ପର୍ବର ସେଫ୍ଟି ନେଟରୁ ବାହାରିବେ, ବର୍ଷର ପ୍ରତିଟି ଶୁକ୍ରବାର ଓଡ଼ିଆ ସିନେମା ପାଇଁ ଉତ୍ସବ ପାଲଟିବ।



# ଡରିଡରି ହସିବାର 'ମନ୍ତ୍ରମୁଗ୍ଧ' ଅନୁଭୂତି




ଆପଣ କେବେ ଏକ ନିଶୂନ ଅନ୍ଧାର ରାତିରେ କିମ୍ବା ଶୂନ୍‌ଶାନ୍ ଆକାଶ ତଳେ ଏକାକୀ ଥାଇ ଭୟରେ ଡରିଡରି ହସିବାର ଅନୁଭୂତି ପାଇଛନ୍ତି କି ? ଯଦି ନା, ତେବେ ସେହି ଅଦ୍ଭୁତ ଶିହରଣ ଦେବାକୁ ଆସିଛି ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ'। ଏହା କେବଳ ଏକ ଚଳଚ୍ଚିତ୍ର ନୁହେଁ, ଶେଷ ହୋଇଯାଉଥିବା ପରମ୍ପରାର ଏକ "Modern Comeback"। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମ୍ମାନରେ ସମ୍ମାନିତ ଏବଂ ଓଡ଼ିଆ ସିନେମା ଜଗତରେ ଦୀର୍ଘ ୪୨ ବର୍ଷର ଗୌରବମୟ ଅଭିଜ୍ଞତା ରଖିଥିବା ପ୍ରତିଷ୍ଠିତ ଅନୁପମ ପଟ୍ଟନାୟକ ପ୍ରଡକ୍ସନ୍ସର ଏହା ଏକ ଅତୁଳନୀୟ ସୃଷ୍ଟି। 'କର୍ମ' ଏବଂ 'ଗ୍ୟାଙ୍ଗସ୍ ଅଫ୍ ପୁରୀ' ଭଳି ସୁପରହିଟ୍ ସିନେମାର ବେଞ୍ଚମାର୍କ ସଫଳତା ପରେ ଏହି ବାନରରେ ପ୍ରସ୍ତୁତ ଏହି ନୂଆ ଚଳଚ୍ଚିତ୍ରଟି ଏକ ସମ୍ଭ୍ରାନ୍ତ ପରିବାରର ଚାରିକାନ୍ଥ ଭିତରେ ଲୁଚି ରହିଥିବା ଗଭୀର ରହସ୍ୟକୁ ଅତି ନିଖୁଣ ଭାବେ ପରଦାକୁ ଆଣିଛି। ଏହି ଗତିଶୀଳ କାହାଣୀ ଆଜିର ଯୁବପିଢ଼ିକୁ ଆମ ପ୍ରାଚୀନ ମନ୍ତ୍ର, ଶକ୍ତି ଓ ସନାତନ ବିଜ୍ଞାନର ବାସ୍ତବତା ସହ ପରିଚୟ କରାଇବ। ଆମେ ପ୍ରାୟତଃ ଯାହାକୁ ଅନ୍ଧବିଶ୍ୱାସ କହି ଏଡ଼ାଇ ଦେଉ, ତାହା ପଛରେ ଯେ ଏକ ଗଭୀର "Life Logic" ଓ ବିଜ୍ଞାନ ଲୁଚି ରହିଛି, ତାହା ଏଠାରେ ଖୁବ୍ ସୁନ୍ଦର ଭାବେ ଦର୍ଶାଯାଇଛି। ରିଲିଜ୍ ହେବା ପରେ ଏହି ସିନେମାଟି ଏକ classic hit ଭାବେ ଉଭା ହୋଇଛି ଏବଂ ମାତ୍ର ୧୦ ଦିନ ମଧ୍ୟରେ ବକ୍ସ ଅଫିସରେ ୨.୦୭ କୋଟି ଟଙ୍କାର ବ୍ୟବସାୟ କରି ସଫଳତାର ନୂଆ ରେକର୍ଡ ସୃଷ୍ଟି କରିଛି। ଏହି ସିନେମାକୁ ଅଧିକ ଜୀବନ୍ତ କରିଛି ଏହାର ଶକ୍ତିଶାଳୀ କାଷ୍ଟ ଏବଂ କ୍ରୁ୍ୟ। ଭୂମିକା, ସୂର୍ଯ୍ୟମୟୀ, ସାର୍ଥକ, ସନୋଜ, ମନ୍ମୟ ଦେ ଏବଂ ହର ରଥଙ୍କ ଭଳି ପ୍ରତିଭାବାନ କଳାକାରଙ୍କ ଶାଣିତ ଅଭିନୟ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଛି। ଗଞ୍ଜାମ ଜିଲ୍ଲାର ପ୍ରାୟ ୬୦୦ ବର୍ଷର ପୁରୁଣା, ଐତିହାସିକ ଧରାକୋଟ ରାଜପ୍ରାସାଦ ପରିସରରେ ଏହି ସିନେମାର ସୁଟିଂ କରାଯାଇଛି, ଯାହା କାହାଣୀରେ ଏକ ରାଜକୀୟ ଏବଂ ରହସ୍ୟମୟ ମାହୋଲ୍ ତିଆରି କରିଛି। ଡିଓପି (DOP) ଦୀପକ କୁମାରଙ୍କ ମ୍ୟାଜିକାଲ୍ ସିନେମାଟୋଗ୍ରାଫି, ମନଛୁଆଁ ମ୍ୟୁଜିକ୍ କମ୍ପୋଜିସନ୍, ଦମଦାର୍ ବିଜିଏମ୍ ଏବଂ ସିନେମାରେ ବ୍ୟବହୃତ ପ୍ରାୟ ୩୦୦ ରୁ ଅଧିକ ହାଇ-କ୍ୱାଲିଟି ଡିଜିଟାଲ୍ VFX ଶଟ୍ସ ପରଦା ଉପରେ ଏକ ବିଶ୍ୱସ୍ତରୀୟ ଦୃଶ୍ୟର ଭ୍ରମ ସୃଷ୍ଟି କରୁଛି। ସିନେମାର ପ୍ରତିଟି ଦୃଶ୍ୟରେ ଏକ ପ୍ରକାରର aesthetic ସୌନ୍ଦର୍ଯ୍ୟ ଓ ଶାଳୀନତା ରହିଛି, ଯାହା ଓଡ଼ିଆ ସିନେମାକୁ ଆନ୍ତର୍ଜାତୀୟ ପରିଚୟ ଦେଇଛି। ଯୁବପିଢ଼ିଙ୍କ ପାଇଁ ଏହାର ଉପସ୍ଥାପନା ଖୁବ୍ trendy ହୋଇଥିବା ବେଳେ, ଚରିତ୍ରମାନଙ୍କ ପୋଷାକ ଓ ଚଳଣିରେ ଥିବା ଆଭିଜାତ୍ୟ ଆଜିର Gen-Z ଏବଂ Millennials ଙ୍କୁ ବେଶ୍ ଆକର୍ଷିତ କରୁଛି। ସୋସିଆଲ ମିଡିଆରେ ଏବେ ଏହି ସିନେମାର vibe ଚାରିଆଡ଼େ ଛାଇ ଯାଇଛି। ଅନୁପମ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଏବଂ ନିର୍ଦ୍ଦେଶନା ସିନେମାଟିକୁ ଏକ ବୌଦ୍ଧିକ ଯାତ୍ରା ବା intellectual journeyର ରୂପ ଦେଇଛି, ଯାହା ଆପଣଙ୍କୁ ଚିନ୍ତା କରିବାକୁ ବାଧ କରିବ। ଯେତେବେଳେ ଜୀବନର ବାସ୍ତବତା ଓ ଆଧ୍ୟାତ୍ମିକତାର ମିଳନ ହୁଏ, ସେତେବେଳେ ଜଣେ ବ୍ୟକ୍ତି ସତରେ 'ମନ୍ତ୍ରମୁଗ୍ଧ' ହୋଇଯାଏ। ଓଡ଼ିଆ ସିନେମା ଜଗତରେ ଏହା ଏକ ନୂଆ ପରିଭାଷା ଲେଖିବାକୁ ଯାଉଛି, ଯେଉଁଠି ସଂସ୍କୃତିର ସୁରକ୍ଷା ଓ ଆଧୁନିକ ଚିନ୍ତାଧାରାର ସ୍ୱାଗତ ଏକାଠି ଦେଖିବାକୁ ମିଳିବ।

## Strategies in Stories

# Through "Survive, Revive, Thrive", Airtel won the Jio storm

In 2016, Reliance planned an unthinkable disruption in the telecom market- a storm that nobody, especially Airtel, could foresee. The storm of Jio, with free data, rock-bottom tariffs, and lightning rollout of 4G towers, severely injured many telecom players. Average Revenue Per User (ARPU) — crashed from Rs 120 to Rs 71 within four years. Within months, millions of subscribers switched to Jio, leaving incumbents scrambling. Telecom in India changed forever.




Airtel's profits nosedived, posting a staggering net loss of over Rs 23,000 crore in FY21. Market share slipped, and many questioned if it could survive the onslaught. News breaks before the storm but story breaks after the storm. In the storm-swept telecom sector, Airtel rebuilt itself slowly yet strongly by choosing a long game.

It invested heavily in network quality, built a premium brand positioning, and focused on retaining high-value customers as the era of freebies was coming to an end.

The key strategies Airtel used to survive, revive and thrive include:

- Focus on ARPU Over Volume: While Jio chased mass-market subscribers, Airtel concentrated on retaining and acquiring premium, high Average Revenue Per User (ARPU) customers. This allowed them to maintain robust cash flows even with a smaller user base.
- Network Infrastructure & Upgrades: Ahead of Jio's 4G launch, Airtel rolled out "Project Leap," investing over ₹20,000 crores to upgrade its networks, acquire spectrums, and rapidly lay optical fiber. This established a reputation for superior connection quality and speeds.
- Airtel Black and Ecosystem Bundling: Airtel introduced Airtel Black, which bundled postpaid mobile, broadband, and DTH into a single bill and service package. This ecosystem lock-in increased customer loyalty and reduced churn.
- Digital Services Suite: Airtel built a digital ecosystem featuring apps like Wynk Music and Airtel Xstream, as well as financial services (Airtel Payments Bank), to make their platform indispensable to consumer lifestyles.
- B2B and Global Diversification: Airtel strengthened its profitable Enterprise (B2B) business, expanded its data center footprint (Nxtra), and leveraged the strong growth of Airtel Africa to ensure diversified revenue streams and secure investor confidence.

## India in Info-Graphics




Printed & Published by Sibasis Satapathy on behalf of COTOC Improvement Limited. Published at Plot 47, Sector 5, Niladri Vihar, Chandrashekharpur, Bhubaneswar 751021
Phone: +91 8456869769, 06744068848, Mail: biznessbreaking@cotoc.in, biznessbreaking@gmail.com
Printed at Print Tech Offset Pvt. Ltd., F-66, 1 & 2, Technology Corridor, Chandaka Industrial Estate, Sailashree Vihar, Chandrasekharpur, Bhubaneswar, Odisha 751021
Editor: Sibasis Satapathy
ସମ୍ପାଦକ: ଶିବାଶିଷ ଶତପଥୀ